**କେନ୍ଦୁଝର : ମାନ୍ୟବର ରାଜ୍ୟପାଳଙ୍କ ଦିନିକିଆ କେନ୍ଦୁଝର ଜିଲ୍ଲା ଗସ୍ତ :**

**ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ସେଂଟ୍ ଜାଭିୟରସ୍ ହାଇସ୍କୁଲରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ :**

# ଛାତ୍ରଛାତ୍ରୀମାନେ ନିଜକୁ ସାଧାରଣ ନ ଭାବି ଅସାଧାରଣ ଭାବନ୍ତୁ-

# ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ






କେନ୍ଦୁଝର, ୧୯.୧୦.          ଛାତ୍ରଛାତ୍ରୀମାନେ ନିଜକୁ ସାଧାରଣ ନ ଭାବି ଅସାଧାରଣ ଭାବନ୍ତୁ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆହ୍ୱାନ ଜଣାଇଛନ୍ତି । ଚଳିତ ଅକ୍ଟୋବର ୧୯ ତାରିଖ ଶନିବାର ଦିନ କେନ୍ଦୁଝର ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ରାଙ୍କି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ରାଙ୍କି ଏବଂ ନଇଗାଁ, ଡିମ୍ଭୋ ସ୍ଥିତ ସେଂଟ୍ ଜାଭିୟରସ୍ ହାଇସ୍କୁଲ୍‌ରେ ଛାତ୍ରଛାତ୍ରୀମାନଙ୍କୁ ପୃଥକ୍ ପୃଥକ୍ ଭାବେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହି ଆହ୍ୱାନ ଦେଇଛନ୍ତି । ରାଜ୍ୟପାଳ କହିଥିଲେ ଯେ ପିଲାମାନେ ହେଉଛନ୍ତି ଅନନ୍ତ ସମ୍ଭାବନା ଓ ସାମର୍ଥ୍ୟର ଅଧିକାରୀ । ଏଣୁ ଲକ୍ଷ୍ୟ ସ୍ଥିର ରଖି ସ୍ଥିତପ୍ରଜ୍ଞ ରହି ନିଜ ଭିତରେ ଥିବା ପ୍ରତିଭାକୁ ଉପଯୋଗ କଲେ ସେମାନେ ଭବିଷ୍ୟତରେ ସଫଳତାର ଶୀର୍ଷ ଛୁଇଁ ପାରିବେ । ନିଜ ଉପରେ ଗଭୀର ଆତ୍ମ ବିଶ୍ୱାସ ରଖିବା ହିଁ ଜଣକୁ ସାମର୍ଥ୍ୟ କରିଥାଏ ବୋଲି କହିଥିଲେ । ଯୋଗ ଉପରେ ଅବତାରଣା କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଥିଲେ ଯେ ଆତ୍ମାକୁ ପରମାତ୍ମା ସହିତ ଯୋଡିବାର ମାଧ୍ୟମ ହେଉଛି ଯୋଗ । ଯୋଗକୁ ୟୁନାଇଟେଡ୍ ନେସନ୍‌ସ୍ ଅର୍ଗାନାଇଜେସନ୍ ମାଧ୍ୟମରେ ଆର୍ନ୍ତଜାତୀୟ ମାନ୍ୟତା ମିଳିବା ଆମ ସମୟର ସବୁଠାରୁ ବଡ ଉପଲବ୍ଧି । ଏ ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବଦାନ ଅତୁଳନୀୟ । ଯେଉଁ ପରମାତ୍ମା ପିତାମାତାଙ୍କ ଜରିଆରେ ଆମକୁ ଏ ସୁନ୍ଦର ପୃଥିବୀକୁ ପଠାଇଛନ୍ତି । ସେହି ପରମାତ୍ମା ସହିତ ନିଜକୁ ସଂଯୁକ୍ତ କରିବା ଆବଶ୍ୟକ । ଏତଦ୍‌ବ୍ୟତୀତ ନିଜ ସନ୍ତାନ ପ୍ରତି ବାପା ମାଆଙ୍କର ଭଲ ପାଇବା, ଆବେଗ ଓ ଭାବପ୍ରବଣତାର ତୁଳନା ନାହିଁ । ଏଣୁ ସମସ୍ତେ ନିଜର ପିତାମାତାଙ୍କ ପ୍ରତି କର୍ତବ୍ୟ ପାଳନ କରିବା ଏକାନ୍ତ ଆବଶ୍ୟକ । ଭାରତ ଆଧ୍ୟାତ୍ମିକତା କ୍ଷେତ୍ରରେ ସବୁବେଳେ ବିଶ୍ୱଗୁରୁ ହୋଇ ପଥ ପ୍ରଦର୍ଶନ କରୁଛି । ଆଧ୍ୟାତ୍ମିକତାର ଚମକ ବଳରେ ଭାରତ କିପରି ବିଶ୍ୱ ସମୁଦାୟକୁ ପ୍ରଭାବିତ କରିପାରୁଛି ତାହା ଅବତାରଣା କରିଥିଲେ । ପବିତ୍ର ଭଗବତ୍ ଗୀତାର ସାରମର୍ମ ଉପରେ ଆଲୋକପାତ କରି ବିଶାଦରୁ ଆରମ୍ଭ ହୋଇଥିବା ଏହି ଗୀତା ଏକ ମହାନ ଗ୍ରନ୍ଥର ମାନ୍ୟତା ପାଇଛି ଏବଂ ବିଶ୍ୱକୁ ସୁଖ ଶାନ୍ତିର ବାର୍ତା ଦେଉଛି । ପିଲାମାନେ ନିଜ ଜୀବନରେ ୩ଟି ଦିଗ ଯଥା- ଖାଦ୍ୟ ପରିଚାଳନା (ଫୁଡ୍ ମ୍ୟାନେଜ୍‌ମେଂଟ୍), ସମୟ ପରିଚାଳନା (ଟାଇମ୍ ମ୍ୟାନେଜ୍‌ମେଂଟ୍) ଓ ଐଶ୍ୱରିକ ପରିଚାଳନା (ଡିଭାଇନ୍ ମ୍ୟାନେଜ୍‌ମେଂଟ୍) କରିପାରିଲେ ସେମାନେ ନିଜକୁ ସାଧାରଣରୁ ଅସାଧାରଣ ବ୍ୟକ୍ତିତ୍ୱରେ ପରିଣତ କରିପାରିବେ । ଓଡିଶାକୁ ନିଜର ଦ୍ୱିତୀୟ ଘର ଭାବେ ସେ ବିବେଚନା କରନ୍ତି ବୋଲି କହିବା ସହିତ ଓଡିଶାର ଗାରିମା, ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ କଲ୍ୟାଣମୟୀ ମା'ତାରିଣୀଙ୍କ ମହିମା ସଂପର୍କରେ ଅବତାରଣା କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଉଭୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ ସେଂଟ୍ ଜାଭିୟରସ ହାଇସ୍କୁଲ୍‌ଠାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ

କରିଥିବା ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟପାଳ ପୁରସ୍କୃତ କରିଥିଲେ । ଉଭୟ ଅନୁଷ୍ଠାନରେ ମାନ୍ୟବର ରାଜ୍ୟପାଳ ପହଂଚିବା ପରେ ମାନ୍ୟବର ରାଜ୍ୟପାଳଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା ।

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ରାଙ୍କିଠାରେ  ସମ୍ମାନନୀୟ ଅତିଥି ଭାବେ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ର ଯୋଗଦେଇଥିବାବେଳେ ଭାରପ୍ରାପ୍ତ ଅଧକ୍ଷା ବିବରଣୀ ପାଠ କରିଥିଲେ । ସଭାକାର୍ଯ୍ୟ ପରେ ଅନୁଷ୍ଠାନ ପରିସରରେ ମାନ୍ୟବର ରାଜ୍ୟପାଳ ବୃକ୍ଷରୋପଣ କରିଥିଲେ । ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସାକ୍ଷାତକାରରେ ମାନ୍ୟବର ରାଜ୍ୟପାଳ କହିଥିଲେ ଯେ ରାଜ୍ୟର ବିଭିନ୍ନ ଜିଲ୍ଲାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି । ପିଲାମାନେ କିପରି ରହୁଛନ୍ତି, କଣ ଖାଉଛନ୍ତି, କିପରି ପଢୁଛନ୍ତି ଏବଂ କଣ ସମସ୍ୟା ରହିଛି ଜାଣିବା ଉଦ୍ଦେଶ୍ୟରେ ସେ ପରିଦର୍ଶନ କରୁଛନ୍ତି । ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟମାନଙ୍କରେ ରହିଥିବା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିବା ସହିତ ପିଲାମାନଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ଏବଂ ସେମାନଙ୍କ ମନରେ ନୈତିକ ସାହାସ ସଂଚାର କରିବା ହେଉଛି ତାଙ୍କ ପରିଦର୍ଶନର ଉଦ୍ଦେଶ୍ୟ ବୋଲି କହିଥିଲେ ।

ସେଂଟ୍ ଜାଭିୟରସ୍ ହାଇସ୍କୁଲ, ଡିମ୍ବୋଠାରେ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ଚେୟାରମ୍ୟାନ ଇଂ ଦେବବ୍ରତ ବେହେରା ଅଧକ୍ଷତା କରିଥିଲେ ଏବଂ ଅନୁଷ୍ଠାନର ଅଧକ୍ଷ ଦିବ୍ୟକିଶୋର ପ୍ରଧାନ ବିବରଣୀ ପାଠ କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବୋଧାନରେ ମାନ୍ୟବର ରାଜ୍ୟପାଳଙ୍କ ଗସ୍ତକାର୍ଯ୍ୟକ୍ରମ ଶୃଙ୍ଖଳାର ସହିତ ସମାପିତ ହୋଇଥିଲା ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର